# ଆଇଆଇପିଏମ୍ ଅନନ୍ୟ ପ୍ରୟାସ, ସାମାଜିକ ଦାୟିତ୍ୱଭିତ୍ତିକ କାର୍ଯ୍ୟକ୍ରମ

କାଂଶବାହାଲ,ତା୨୬।୫(ନି.ପ୍ର.)- କାଂଶବାହଲସ୍ଥିତ ଆଇଆଇପିଏମ୍ ବିଗତ ୨୧ ବର୍ଷ ଧରି ଟ୍ରେନିଂ, ଏଜୁକେଶନ ଏବଂ କନସେଲ୍‌ଟେନ୍ସି ସେବା କ୍ଷେତ୍ରରେ ଭାରତ ବର୍ଷରେ ଅଦ୍ୱିତୀୟ ସ୍ଥାନ ଗ୍ରହଣ କରିପାରିଛି । ଏହାର ଆର୍ଥିକ ବର୍ଷ ୨୦୧୦-୧୧ର ସମାପନ ବୈଠକରେ ଏଲ୍ ଆଣ୍ଡ ଟିର ଭାଇସ୍ ପ୍ରେସିଡେଣ୍ଟ ଏସ୍.କେ.ଗୁପ୍ତା ତଥା ଆଇଆଇପିଏମ୍‌ର ଗଭର୍ଣ୍ଣିଂ କାଉନସିଲ୍ ମେମ୍ବର ଯୋଗଦେଇ ଆଇଆଇପିଏମ୍‌ର ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତ କର୍ମଚାରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ତତ୍ ସହିତ ଆଇଆଇପିଏମ୍ ସାମାଜିକ ଦାୟିତ୍ୱବୋଧତା ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ । ଆଇଆଇପିଏମ୍ କର୍ତ୍ତୃପକ୍ଷ ଏହାକୁ ନିଜର ଏକ ଅଂଶରୂପେ ଗ୍ରହଣ କରି ଉଚିତ ପଦକ୍ଷେପ ନେଇ ନିକଟସ୍ଥ ଗ୍ରାମର ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଯୋଜନା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆଦିବାସୀ ବହୁଳ ଅଞ୍ଚଳର ପିଲାମାନଙ୍କୁ ମାଗଣା ଶିକ୍ଷାଦାନର ବ୍ୟବସ୍ଥା କରାଯାଇଥିଲା । କମ୍ପ୍ୟୁଟର ଶିକ୍ଷା, ପର୍ସନାଲିଟି ଡେଭଲପମେଣ୍ଟ, ଇଂରାଜୀ କହିବାର କୌଶଳ ଆଦି ଉକ୍ତ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ । ଆଇଆଇପିଏମ୍ ଭଳି ଏକ ଶିକ୍ଷାନୁଷ୍ଠାନ ନିଜର ସାମାଜିକ ଦାୟିତ୍ୱବୋଧତା ଏବଂ ସଚେତନତା ପ୍ରତି ଦୃଢ଼ ପ୍ରତିଶ୍ରୁତିବଦ୍ଧ । ଆଗାମୀ ଦିନମାନଙ୍କରେ ଏହି ଦାୟିତ୍ୱବୋଧକୁ ଆହୁରି ବ୍ୟାପକ କରିବା ନିମନ୍ତେ ବଚନବଦ୍ଧ ବୋଲି ଆଇଆଇପିଏମ୍‌ର ଉପନିର୍ଦ୍ଦେଶକ ଡ. ମିହିର ରଞ୍ଜନ ନାୟକ ଜଣାଇଛନ୍ତି ।